ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ, ସମ୍ବଲପୁର, ଓଡ଼ିଶା
Odisha State Open University, Sambalpur, Odisha
Established by an Act of Government of Odisha.

# ASSIGNMENTS

# ଦତ୍ତକର୍ମ

**Generic Electives (GE)-Course odia**

**ଆନ୍ତଃ ସମଷ୍ଟିମୂଳକ ଇଚ୍ଛାଧୀନ ପାଠ- ଓଡ଼ିଆ**

Semester-1

SESSION: 2020-21

ଶିକ୍ଷାବର୍ଷ: ୨୦୨୦-୨୧

ଉତ୍ତର ଲେଖିବା ପୂର୍ବରୁ ନିୟମାବଳୀକୁ ଭଲଭାବରେ ପାଠ କରନ୍ତୁ।

# ନିୟମାବଳୀ

# Generic Electives (GE)-Course odia

# ଆନ୍ତଃ ସମଷ୍ଟିମୂଳକ ଇଚ୍ଛାଧୀନ ପାଠ- ଓଡ଼ିଆ

**ଦତ୍ତକର୍ମ**

ପ୍ରିୟ ବିଦ୍ୟାର୍ଥୀଗଣ,

ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ,ସମ୍ବଲପୁର ଦ୍ୱାରା ପ୍ରସ୍ତୁତ ଏବଂ ପରିବେଷିତଆନ୍ତଃ ସମଷ୍ଟିମୂଳକ ଇଚ୍ଛାଧୀନ ପାଠ- ଓଡ଼ିଆଆପଣମାନଙ୍କୁ ସ୍ୱାଗତ।

ନିର୍ଦ୍ଧାରିତ ସମୟ ମଧ୍ୟରେ ପ୍ରତିଟି ପାଠ୍ୟକ୍ରମ ପାଇଁ ଆପଣମାନଙ୍କୁ ଦୁଇଟି ଲେଖାଏଁ ଦତ୍ତକର୍ମ ପ୍ରସ୍ତୁତକରି ଦାଖଲ କରିବାକୁ ହେବ। ତାହାଦ୍ୱାରା ନିର୍ଦ୍ଧାରିତ ସମୟରେ ନିରୂପିତ ଅନ୍ତିମ ପରୀକ୍ଷା ଦେବାର ଯୋଗ୍ୟତା ଆପଣମାନେ ଅର୍ଜନ କରିପାରିବେ। ଏସବୁ ଦତ୍ତକର୍ମ ଆପଣମାନଙ୍କ ପଠନ କେନ୍ଦ୍ରର ପରାମର୍ଶଦାତାମାନଙ୍କ ଦ୍ୱାରା ମୂଲ୍ୟାୟନ କରାଯିବ। ତେଣୁ, ଆପଣମାନେ ଏହାକୁ ନିଜ ପଠନ କେନ୍ଦ୍ରର ସଂଯୋଜକଙ୍କ ନିକଟରେ ଦାଖଲ କରିବେ।ଦତ୍ତକର୍ମ ଉତ୍ତର ଲେଖିବା ପୂର୍ବରୁ ପାଠ୍ୟ ବିଷୟବସ୍ତୁ ଉପରେ ଅତ୍ୟନ୍ତ ମନଯୋଗୀ ଦୃଷ୍ଟିରଖନ୍ତୁ। ଏଥି ସଂପର୍କିତ ନିର୍ଦ୍ଦେଶାବଳୀକୁ ପାଠ କରନ୍ତୁ। ଆପଣମାନଙ୍କ ନିକଟରେ ଉପଲବ୍ଧ ପାଠ୍ୟ ଉପକରଣ କିମ୍ବା ସେଭଳି କିଛି ବହିରୁ ନକଲ କରିବାକୁ ଚେଷ୍ଟା କରନ୍ତୁ ନାହିଁ। ଆପଣମାନଙ୍କୁ ପରାମର୍ଶ ଛଳରେ ଏତିକି କୁହାଯାଇପାରିବ ଯେ ପାଠ୍ୟଉପକରଣଗୁଡିକୁ ମନଦେଇ ପାଠ କରି ବୁଝିବାକୁ ଚେଷ୍ଟାକରନ୍ତୁ ଏବଂ ଯଥାସମ୍ଭବ ନିଜଭାଷା ଓ ଶୈଳୀରେ ଉତ୍ତର ଲେଖିବାକୁ ଲେଖନ୍ତୁ। ଯଦ୍ୱାରା ଆପଣମାନେ ଭଲ ଗ୍ରେଡ୍/ ନମ୍ବର ପାଇ ପାରିବେ।

**ଦତ୍ତକର୍ମର ଉଦ୍ଦେଶ୍ୟ :**

ମୁକ୍ତ ଓ ଦୂର ଶିକ୍ଷା ପାଠ୍ୟକ୍ରମ କ୍ଷେତ୍ରରେ ଦତ୍ତକର୍ମଗୁଡିକ ନିରବଚ୍ଛିନ୍ନ ମୂଲ୍ୟାୟନ ପ୍ରକ୍ରିୟାର ଗୋଟିଏ ଗୁରୁତ୍ୱପୂର୍ଣ୍ଣ ଅଂଶବିଶେଷ। ଦତ୍ତକର୍ମ ଗୁଡିକରେ ଆପଣମାନେ ଯେଉଁଗ୍ରେଡ୍/ ମାର୍କ ଅର୍ଜନ କରିଥାଆନ୍ତି,ସେସବୁ ଆପଣମାନଙ୍କର ଶେଷ ପର୍ଯ୍ୟାୟ ନିରୂପିତ ଅନ୍ତିମ ପରୀକ୍ଷାରେ ଉତ୍ତର ଫଳାଫଳକୁ ପ୍ରଭାବିତ କରିବ। ଦତ୍ତକର୍ମରେ ଭଲ ଗ୍ରେଡ୍ / ମାର୍କ ରଖିଲେ ଆପଣମାନଙ୍କ ମୋଟାମୋଟି ପରୀକ୍ଷା ଫଳ ଖୁବ୍ ଭଲ ହେବ। ମୁକ୍ତ ଓ ଦୂର ଶିକ୍ଷା ପଠନ କ୍ଷେତ୍ରରେ ଦତ୍ତକର୍ମ ଗୋଟିଏ ବେଶ୍ ଗୁରୁତ୍ୱପୂର୍ଣ୍ଣ ଅଂଶ। ଦତ୍ତକର୍ମର ମୂଲ୍ୟାୟନ ପରେ ମୂଲ୍ୟାୟନକାରୀଙ୍କ ଦ୍ୱାରା ପ୍ରଦତ୍ତ ନିର୍ଦ୍ଦିଷ୍ଟ / ସାଧାରଣ ମନ୍ତବ୍ୟ ସହିତ ସେଗୁଡିକୁ ଆପଣମାନଙ୍କୁ ଫେରସ୍ତ କରି ଦିଆଯିବ। ଫଳରେ ଆପଣମାନେ ନିଜର ଦୁର୍ବଳତା ଓ ଭଲ ଦିଗଗୁଡ଼ିକ ଜାଣିପାରିବେ। ତାହାଦ୍ୱାରା ଶିକ୍ଷାର୍ଥୀ ଓ ମୂଲ୍ୟାୟନକାରୀ (ପରାମର୍ଶଦାତା) ଙ୍କ ମଧ୍ୟରେ ଦ୍ୱିପାକ୍ଷିକ ସଂପର୍କ ମଧ୍ୟ ଉତ୍ତମ ହୋଇପାରିବ।

**ଦତ୍ତକର୍ମ ଲେଖିବେ କିପରି ?**

୧. ଉତ୍ତର ଖାତାର ସର୍ବୋଚ୍ଚ ସ୍ଥାନରେ ଆପଣମାନଙ୍କ ନାମ, ପାଠ୍ୟକ୍ରମର କୋଡ୍,ପାଠ୍ୟକ୍ରମର ନାମ, ନାମଲେଖା କ୍ରମିକ ସଂଖ୍ୟା, ଶିକ୍ଷାକେନ୍ଦ୍ରର କୋଡ ନମ୍ବର ଉଲ୍ଲେଖ କରିବେ।

୨. ଉତ୍ତରଗୁଡିକ ନିଜ ହସ୍ତାକ୍ଷରରେ ଲେଖିବେ। ପ୍ରତି ପୃଷ୍ଠାର ବାମ ପାର୍ଶ୍ୱରେ ଏବଂ ପ୍ରତି ଅନୁଚ୍ଛେଦ ପରେ ମୂଲ୍ୟାୟନକାରୀ ତାଙ୍କ ମନ୍ତବ୍ୟ ଲେଖି ପାରୁଥିବା ଭଳି ଯଥେଷ୍ଟ ସ୍ଥାନ ଖାଲି ରଖିବେ।

୩. ପ୍ରତିଟି ପ୍ରଶ୍ନ ପାଇଁ ନିର୍ଦ୍ଧାରିତ ଶବ୍ଦ ସୀମା ଅନୁସରଣ କରବେ।

୪. ଆପଣମାନଙ୍କ ହସ୍ତାକ୍ଷର ସ୍ପଷ୍ଟ ଏବଂ ପଠନ ଉପଯୋଗୀ ହେବା ବିଧେୟ।

**ଦତ୍ତକର୍ମର ଭୂମିକା :**

୧. ପ୍ରତିଟି ଦତ୍ତକର୍ମ ଗୋଟିଏ ମୂଲ୍ୟାଙ୍କନର ଶତକଡା ୨୫ ଭାଗ ଗୁରୁତ୍ୱ ବହନ କରିବ ଏବଂ ନିରୂପିତ ଅନ୍ତିମ ପରୀକ୍ଷା ଅବଶିଷ୍ଟ ଶତକଡା ୭୫ ଭାଗର ଗୁରୁତ୍ୱ ବହନ କରିବ।

୨. ପ୍ରତିଟି ଦତ୍ତକର୍ମ ୧୦୦ ନମ୍ବର ବିଶିଷ୍ଟ ହେବ। ମାତ୍ର ଏହା ନିରୂପିତ ଅନ୍ତିମ ପରୀକ୍ଷାର ଶତକଡା ୨୫ ଭାଗ ଗୁରୁତ୍ୱ ବହନ କରିବ।

୩. ଆପଣମାନଙ୍କୁ ସର୍ବନିମ୍ନ ପାସ୍ ହାର ଅର୍ଥାତ୍ ପ୍ରତି ଦତ୍ତକର୍ମରେ ଅନ୍ତତଃ ୪୦ ନମ୍ବର ଅର୍ଜନ କରିବାକୁ ହେବ। ଆପଣମାନେ ଯଦି ଦତ୍ତକର୍ମର ଉତ୍ତର ପ୍ରଦାନ କରିବେ ନାହିଁ କିମ୍ବା ତହିଁରେ ଫେଲ୍ ନମ୍ବର ରଖିବେ, ତେବେ ପରବର୍ତ୍ତୀ ବର୍ଷରେ ଆପଣମାନଙ୍କୁ ଆଉ ଥରେ ଦତ୍ତକର୍ମ ଦାଖଲ କରିବାକୁ ହେବ।

# Generic Electives (GE)-Course odia

## ଆନ୍ତଃ ସମଷ୍ଟିମୂଳକ ଇଚ୍ଛାଧୀନ ପାଠ- ଓଡ଼ିଆ

**(ଦତ୍ତକର୍ମ ଜମା କରିବାର ସମୟସୀମା)**

**ସେମିଷ୍ଟର (୦୧)**

| ପାଠ୍ୟକ୍ରମ ସଂଖ୍ୟା | ପାଠ୍ୟକ୍ରମ ଶୀର୍ଷକ | ଦାଖଲ ତାରିଖ |
|---|---|---|
| ୦୧ | ଗଣମାଧ୍ୟମ ,ବେତାର କଳା ଓ ବିଜ୍ଞାପନ କଳା | ୨୮ .୦୨. ୨୦୨୧ |

GEOD 1

**SET 1**

# ସ୍ନାତକ ( ସମ୍ମାନ ) ଓଡ଼ିଆ ପାଠ୍ୟକ୍ରମ

**ଗଣମାଧ୍ୟମ ,ବେତାରକଳା ଓ ବିଜ୍ଞାପନ କଳା**

ଦତ୍ତକର୍ମ -୧

ଶିକ୍ଷାବର୍ଷ- ୨୦୨୦-୨୧

ପୂର୍ଣ୍ଣସଂଖ୍ୟା -୧୦୦

( ସମସ୍ତ ବିଭାଗ ବାଧ୍ୟତାମୂଳକ )

୨X ୧୦ =୨୦

୧ ) ସମସ୍ତ ପ୍ରଶ୍ନର ଉତ୍ତର ଲେଖ ।

କ)ରେଡ଼ିଓ ଟକ୍ କିପରି ପ୍ରସ୍ତୁତ କରାଯାଏ ?

ଖ )ଶ୍ରାବ୍ୟମାଧ୍ୟମ କ'ଣ ?

ଗ )ବୈଦ୍ୟୁତିକ ଗଣମାଧ୍ୟମ କ'ଣ ?

ଘ ) ଗଣମାଧ୍ୟମର ଅର୍ଥ କ'ଣ ?

ଙ )ବିଜ୍ଞାପନ କ'ଣ ?

ଚ ) କପି ସମ୍ପାଦକଙ୍କ କାର୍ଯ୍ୟ କ'ଣ ?

ଛ ) ୬ କ ସୂତ୍ର କ'ଣ ?

ଜ ) ବିବରଣୀମୂଳକ ରିପୋର୍ଟିଂ କ'ଣ ?

ଝ ) ସରକାରୀ ପତ୍ରର ଉଦ୍ଦେଶ୍ୟ କ'ଣ ?

ଞ ) ବେସରକାରୀ ପତ୍ର କ'ଣ ?

୨ ) ସମସ୍ତ ପ୍ରଶ୍ନର ଉତ୍ତର ଲେଖ । ୨୦ X ୪ = ୮୦

କ) ରେଡ଼ିଓ ଆଲୋଚନା କିପରି ପ୍ରସ୍ତୁତ କରାଯାଏ ?

ଖ )ବିଜ୍ଞାପନର ପାଞ୍ଚୋଟି ଥିଓରୀ ଆଲୋଚନା କର ।

ଗ ) ସମ୍ପାଦନା କଣ ସମ୍ପାଦନାର ଭିନ୍ନ ଭିନ୍ନ ନୀତିନିୟମ ଏବଂ ବୈଷୟିକ କୌଶଳ ବର୍ଣ୍ଣନା କର ।

ଘ )ପତ୍ରଲିଖନ କଣ ଏହାର ଆବଶ୍ୟକତା ସମ୍ପର୍କରେ ଆଲୋଚନା କର ।

GEOD 1

**SET 2**

# ସ୍ନାତକ ( ସମ୍ମାନ ) ଓଡ଼ିଆ ପାଠ୍ୟକ୍ରମ

**ଗଣମାଧ୍ୟମ ,ବେତାରକଳା ଓ ବିଜ୍ଞାପନ କଳା**

ଶିକ୍ଷାବର୍ଷ- ୨୦୨୦-୨୧

ଦତ୍ତକର୍ମ -୨

ପୂର୍ଣ୍ଣସଂଖ୍ୟା -୧୦୦

( ସମସ୍ତ ବିଭାଗ ବାଧ୍ୟତାମୂଳକ )

୨X ୧୦ =୨୦

୧ ) ସମସ୍ତ ପ୍ରଶ୍ନର ଉତ୍ତର ଲେଖ ।

କ) ଗଣମାଧ୍ୟମ କେତେ ପ୍ରକାର ?

ଖ )ପାରମ୍ପରିକ ଗଣମାଧ୍ୟମ କ'ଣ ?

ଗ )ଗୋଟିଏ ରେଡ଼ିଓ ଫିଚରର କି କି ଉପାଦାନ ରହିଛି ?

ଘ ) ବିଜ୍ଞାପନର କାର୍ଯ୍ୟ କଣ ?

ଙ )ସିରୋଗେଟ୍ ବିଜ୍ଞାପନ କ'ଣ ?

ଚ )ନକାରାତ୍ମକ ବିଜ୍ଞାପନ କ'ଣ ?

ଛ ) ବିଶେଷ ଧରଣର ବିଜ୍ଞାପନ ସଂସ୍ଥା କ'ଣ ?

ଜ )ଖବର କ'ଣ ?

ଝ )ଚୁକ୍ତିନାମା କ'ଣ ?

ଞ ) ବ୍ୟାବସାୟିକ ପତ୍ର କ'ଣ ?

୨ ) ସମସ୍ତ ପ୍ରଶ୍ନର ଉତ୍ତର ଲେଖ । ୨୦ X ୪ = ୮୦

କ) ଛାପା ମାଧ୍ୟମ ଓ ବୈଦ୍ୟୁତିକ ମାଧ୍ୟମ ମଧ୍ୟରେ ପାର୍ଥକ୍ୟ ଦର୍ଶାଅ ।

ଖ )ଅଞ୍ଚଳ ଆଧାରରେ ବିଜ୍ଞାପନକୁ କିପରି ବିଭାଗୀକରଣ କରାଯାଇଛି ।

ଗ )ନ୍ୟୁଜ୍ କ'ଣ ? ନ୍ୟୁଜର ଗୁଣବତ୍ତା ଏବଂ ପ୍ରକାରଭେଦ ଉଦାହରଣ ସହ ଦର୍ଶାଅ ।

ଘ )ପତ୍ରଲିଖନ ପାଇଁ କେଉଁ କେଉଁ ସାବଧାନତା ଅବଲମ୍ବନ କରାଯାଏ ଆଲୋଚନା କର ।